# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14 September - 2024**

**News Editor : Tapan Kumar Maharana**

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ତିନୋଟି ସମେତ ମୋଟ୍ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଆସନ୍ତାକାଲି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ସୁଭଦ୍ରା ଯୋଜନାର ସୁଫଳ ସମସ୍ତ ମହିଳା ହିତାଧିକାରୀଙ୍କ ପାଖରେ ପହଁଞ୍ଚିବା ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ନିମ୍ନ ଅଦାଲତଗୁଡ଼ିକରେ ଅନୁଷ୍ଠିତ ହୋଇଛି ରାଷ୍ଟ୍ରୀୟ ଲୋକ ଅଦାଲତ

ଏବଂ

- ଦେଶକୁ ଏକଜୁଟ୍ ରଖିବା ପାଇଁ ହିନ୍ଦୀ ଭାଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି; କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା

*Desk*

## ପ୍ରଧାନମନ୍ତ୍ରୀ- ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଝାଡ଼ଖଣ୍ଡର ଟାଟାନଗର ଠାରେ ଓଡ଼ିଶାର ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ସମେତ ମୋଟ୍ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ। ଟାଟାନଗର-ବ୍ରହ୍ମପୁର, ହାଓ୍ୱାଡ଼ା-ଟାଟାନଗର-ରାଉରକେଲା, ଦୁର୍ଗ-ବିଶାଖାପଟନମ୍, ଟାଟାନଗର-ପାଟନା, ହାଓ୍ୱଡ଼ା-ଧାନବାଦ-ଗୟା, ହାଓ୍ୱଡ଼ା-ଡୁମ୍‌କା-ଭାଗଲପୁର ଟ୍ରେନ୍‌ର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ କରିବେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ବ୍ରହ୍ମପୁରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ। ବ୍ରହ୍ମପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

***BBSR***

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାର ୧୭ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସିବେ। ଭୁବନେଶ୍ୱର ଜନତା ମଇଦାନଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ସହ ଜନସଭାକୁ ସମ୍ବୋଧନ କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାଳରେ ପି.ଏମ୍. ଆବାସ ଯୋଜନା ସହରାଞ୍ଚଳର ହିତାଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମଧ୍ୟ ବଣ୍ଟନ କରାଯିବ। ସୂଚନାଯୋଗ୍ୟ, ଜାତୀୟସ୍ତରର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପ୍ରାୟ ୧୦ ଲକ୍ଷ ହିତାଧିକାରୀ ସାମିଲ ହୋଇଛନ୍ତି। ଏହି

ଯୋଜନାର ପ୍ରଥମ କିସ୍ତି ବାବଦ ୩ ହଜାର ୮୧୦କୋଟି ଟଙ୍କା ପ୍ରତ୍ୟକ୍ଷ ଅର୍ଥରାଶି ପ୍ରଦାନ ଆକାରରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ। ଜନତା ମଇଦାନରେ ସୁରକ୍ଷା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ।

***CTC***

## ଉପମୁଖ୍ୟମନ୍ତ୍ରୀ– ଆକାଶବାଣୀ ଗସ୍ତ

ପରିବାରର ସମସ୍ତ ମହିଳା ସଦସ୍ୟଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖ ଓଡ଼ିଶା ଗସ୍ତରେ ଆସି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ସୁଭଦ୍ରା ଯୋଜନାରେ କିପରି ସହଜରେ ସବୁ ହିତାଧିକାରୀଙ୍କ ପାଖରେ ପହଁଞ୍ଚିବ ସେଥିପାଇଁ ରାଜ୍ୟ ସରକାର ଯତ୍ନବାନ। ଶେଷ ହିତାଧିକାରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପର୍ଯ୍ୟନ୍ତ ସୁଭଦ୍ରା ଯୋଜନା ପଞ୍ଜୀକରଣ ପ୍ରକ୍ରିୟା ଚାଲୁ ରହିବ। ପ୍ରଥମ କିସ୍ତି ଆସନ୍ତା ୧୭ ତାରିଖରେ ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ ଏବଂ ଦ୍ୱିତୀୟ କିସ୍ତି ମାର୍ଚ୍ଚ ୮ ତାରିଖରେ ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

**- V/O -**

ସେହିପରି ପଞ୍ଜୀକରଣରେ ହିତାଧିକାରୀମାନଙ୍କୁ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବାକୁ ପଡ଼େ ସେଥିପାଇଁ ପଞ୍ଜୀକରଣ ପ୍ରକ୍ରିୟାକୁ

ସରଳ କରାଯାଇଛି। ଆକାଶବାଣୀ ଗସ୍ତ ସମୟରେ ଶ୍ରୀମତୀ ପରିଡ଼ା 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅଭିଯାନରେ ସାମିଲ ହୋଇ ଚାରାରୋପଣ କରିଥିଲେ।

***HS***

## ସ୍ୱାସ୍ଥ୍ୟମନ୍ତ୍ରୀ– ଝାଡ଼ାବାନ୍ତି ପ୍ରସଙ୍ଗ

ମାଲକାନଗିରି ମାଥିଲି ଅଞ୍ଚଳରେ ଝାଡାବାନ୍ତି ପ୍ରସଙ୍ଗରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ସିଡିଏମଓଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଲୋଚନା କରିଛନ୍ତି । ଏହି ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମହାଲିଙ୍ଗ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମାଲକାନଗିରିରୁ ଗତକାଲି ଗୋଟିଏ ଡାକ୍ତରୀ ଦଳ ଝାଡାବାନ୍ତି ହୋଇଥିବା ଅଞ୍ଚଳକୁ ଯାଇଛନ୍ତି। ଡାକ୍ତରୀ ଦଳ ସେଠାରୁ ଫେରିଲା ପରେ ଝାଡ଼ାବାନ୍ତି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

***Nayagada/Khorda/ Boudh/ Kalahandi/Sambalpur/SOnepur/Gajapati/Ganjam/CTC***

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଜି ଅନୁଷ୍ଠିତ ଲୋକ ଅଦାଲତରେ ବିଭିନ୍ନ ପ୍ରକାର ୧୩୨ଟି ମାମଲାର ଫଇସଲା କରାଯାଇଥିଲା। ସେହିପରି କ୍ଷତିପୂରଣ

ବାବଦକୁ ବିଭିନ୍ନ ବୀମା କମ୍ପାନୀକୁ ୧୦ କୋଟି ୫୧ ଲକ୍ଷ ୫୮ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବୌଦ୍ଧଠାରେ ଅନୁଷ୍ଠିତ ଲୋକ ଅଦାଲତରେ ମୋଟର ଦୁର୍ଘଟଣାଜନିତ ମୋକଦ୍ଦମା, ପାରିବାରିକ ମାମଲା, ବିଭିନ୍ନ ମାମଲାର ସମାଧାନ କରାଯାଇଥିଲା । ୫୫ଟି ବିଚାରାଧୀନ ମାମଲା ଏବଂ ୨୧ଟି ପ୍ରାକ୍ ମୋକଦ୍ଦମା ମାମଲାର ବିଚାର କରାଯାଇ ମୋଟ୍ ୬୪ ଲକ୍ଷ ୪୦ ହଜାର ଟଙ୍କା ଆଦାୟ କରାଯାଇଛି ।

କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡ଼ିକରେ ବିବାହ ଜନିତ ମୋକଦ୍ଦମା, ରାଜସ୍ୱ ମୋକଦ୍ଦମା ଆଦି ୪ ହଜାର ୪୭୮ଟି ମାମଲାର ଫଇସଲା କରାଯାଇ ଫଇସଲା ବାବଦରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି ।

ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା ଓ ବେଗୁନିଆ ଏବଂ ଗ୍ରାମ୍ୟ ନ୍ୟାୟାଳୟ ଟାଙ୍ଗୀ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ୮୩ ହଜାର ୬୭୫ ମାମଲାର ଫଇସଲା କରାଯାଇଛି ।

ନୟାଗଡ଼ ଜିଲ୍ଲାରେ ଅନୁଷ୍ଠିତ ଲୋକ ଅଦାଲତରେ ୨୬୭ ମାମଲା ଫଇସଲା କରାଯାଇ ୧୦ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା । ଏହା

ସହିତ ୨୯ଟି ପ୍ରାକ୍ ବିଜୁଳି ମାମଲାର ଫଇସଲା କରାଯାଇ ୩ ଲକ୍ଷ ୪୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଥିଲା ।

ସମ୍ବଲପୁର ଜିଲ୍ଲାର ସଦର ମହକୁମା ଏବଂ ତହସିଲସ୍ତରୀୟ କୁଚିଣ୍ଡା ଏବଂ ରେଢ଼ାଖୋଲ କୋର୍ଟଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣା, ପରିବାର ସଂକ୍ରାନ୍ତୀୟ ମାମଲା ସମେତ ମୋଟ୍ ୩୪୧ଟି ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦରେ ଅର୍ଥ ରାଶି ଆଦାୟ କରିବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲ୍ଲା ଜଜ୍‌ଙ୍କ ପରିଚାଳନାରେ ୧୯ ଜଣ ବିଚାରପତିଙ୍କର ତତ୍ତ୍ୱାବଧାନରେ ୩ ହଜାର ୫୩୩ଟି ମାମଲାର ବିଚାର କରାଯାଇଥିଲା । ୩୨୫ଟି ମାମଲା ଆପୋଷ ସମାଧାନ ମାଧ୍ୟମରେ ସମାଧାନ କରାଯାଇଥିବା ବେଳେ ୪୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଗଞ୍ଜାମ ଜିଲ୍ଲା ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ଅନୁଷ୍ଠିତ ଲୋକ ଅଦାଲତରେ ୫୩ଟି ମାମଲାର ଫଇସଲା କରାଯାଇ ମୋଟ ୧୦ ଲକ୍ଷ ୭୫ ହଜାର ଟଙ୍କା ଆଦାୟ କରାଯାଇଛି ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ଦୌରାଜଜ୍ କୋର୍ଟ ସମେତ ତାଲୁକ ଅଦାଲତରେ ୨ ହଜାର ୪୪୭ଟି

ମାମଲାର ଫଇସଲା କରାଯାଇ ପ୍ରାୟ ୨୨ ଲକ୍ଷ ୪୫ ହଜାର ଟଙ୍କା ଆଦାୟ କରାଯାଇଥିଲା ।

***Desk***

## ରାଜଭାଷା

ଦେଶକୁ ଏକଜୁଟ ରଖିବା କ୍ଷେତ୍ରରେ ହିନ୍ଦୀ ଭାଷା ଅଭୂତପୂର୍ବ ଭୂମିକା ନିର୍ବାହ କରୁଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳନ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ହିନ୍ଦୀ ଏବଂ ଅନ୍ୟ ଭାଷା ମଧ୍ୟରେ କୌଣସି ପ୍ରତିଯୋଗିତା ହେଉନାହିଁ। ୧୯୪୯ ମସିହା ଆଜିର ଦିନରେ ସମ୍ବିଧାନ ସଭା ଦେବନାଗରୀ ଲିପିରେ ଲିଖିତ ହିନ୍ଦୀକୁ ଦେଶର ସରକାରୀ ଭାଷା ଭାବେ ଗ୍ରହଣ କରିଥିଲା। ନୂଆଦିଲ୍ଲୀରେ ଆଜି ରାଜଭାଷା ହୀରକ ଜୟନ୍ତୀ ସମାରୋହ ଏବଂ ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ସମସ୍ତ ଭାଷାକୁ ମଜବୁତ କରିପାରିଲେ, ଏକ ମଜବୁତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଜାତୀୟ ଶିକ୍ଷାନୀତିରେ ଏହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ଲାଗି ବ୍ୟବସ୍ଥା କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦଶନ୍ଧିରେ ହିନ୍ଦୀ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଭାଷାଗୁଡ଼ିକୁ ସମୃଦ୍ଧ କରିବା ଲାଗି ଅନେକ

ପଦକ୍ଷେପ ଗ୍ରହଣ କରାଯାଇଛି  ବୋଲି  ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଥିବା ନେଇ ସମ୍ବାଦ ଆମର ହସ୍ତଗତ ହୋଇଛି ।

***Puri***

## ଶ୍ରୀମନ୍ଦିର- ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆଜି ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ଅନୁଷ୍ଠିତ ହେବ । ଏଥିପାଇଁ ସକାଳୁ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ ହୋଇଛି । ସନ୍ଧ୍ୟା ଅଳତୀ ପରେ ଶ୍ରୀ ମଦନମୋହନ ଏକାଦଶୀ ବେଢ଼ାକୁ ବିଜେ କରିବେ । ବେଢ଼ା ପରିକ୍ରମା ପରେ ଠାକୁରଙ୍କର ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ଶ୍ରୀଜୀଉଙ୍କର ଆସନ୍ତାକାଲି ବାମନ ଜନ୍ମନୀତି ଶ୍ରୀମନ୍ଦିରରେ ପାଳନ କରାଯିବ। ଏଥିପାଇଁ ପ୍ରାୟ ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଗଜପତି ମହାରାଜଙ୍କର ସୁନିଆ ଉତ୍ସବ ମଧ୍ୟ ଆସନ୍ତାକାଲି ଶ୍ରୀନଅରରେ ପାଳନ କରାଯିବ ।

***HS***

# ପାଣିପାଗ

ବାଂଲାଦେଶ ଓ ସଂଲଗ୍ନ ଗାଙ୍ଗୀୟ ପଶ୍ଚିମବଙ୍ଗରେ ସକ୍ରିୟ ଲଘୁଚାପ ଅବପାତରେ ପରିଣତ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନା ଅନୁସାରେ, ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିଭୀଷଣ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର

ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

*Koraput*

## ହୀରାକୁଦ ଜଳଭଣ୍ଡାର ନିଷ୍କାସନ

ହୀରାକୁଦର ଜଳଭଣ୍ଡାରକୁ ଅଧିକ ଜଳ ପ୍ରବେଶ କରୁଥିବାରୁ କର୍ତ୍ତୃପକ୍ଷ ନଦୀବନ୍ଧର ୧୬ଟି ଗେଟ୍ ଖୋଲା କରିଛନ୍ତି । ସୂଚନା ଅନୁସାରେ, ଜଳଭଣ୍ଡାରକୁ ସନ୍ଧ୍ୟା ୬ଟା ସୁଦ୍ଧା ୨ ଲକ୍ଷ ୮୮ ହଜାର ୩୮୭ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ମହାନଦୀ ଏବଂ ଶାଖା କେନାଲ ଦେଇ ୩ ଲକ୍ଷ ୧ ହଜାର ୯୨ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି ।

କୋରାପୁଟ ଜିଲ୍ଲା ଉପର କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ କର୍ତ୍ତୃପକ୍ଷ ଆଜି କୋଲାବ ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲିଛନ୍ତି । ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ କ୍ଷମତା ନିକଟବର୍ତ୍ତୀ ହେବା ପରେ କର୍ତ୍ତୃପକ୍ଷ ଗୋଟିଏ ଗେଟ୍ ଦେଇ ପ୍ରାୟ ୩ ହଜାର ୫୦୦ କ୍ୟୁସେକ ଜଳ ନିଷ୍କାସିତ କରୁଛନ୍ତି ।

************************************